# ସଡ଼କ ଦୁର୍ଘଟଣାରେ ୫ ମୃତ, ୫ ଗୁରୁତର

**ବ୍ରହ୍ମପୁର, ସାନଖେମୁଣ୍ଡି, ଚକାପାଦ, ୧୫।୪/ଏନ୍‌ଏନ୍‌ଏସ୍‌:**

ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଆଜି ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ବୈଦ୍ୟନାଥପୁର ଥାନା ଗୋପାଳପୁର ଛକ, ପାଟପୁର ଥାନା ପଦ୍ମନାଭପୁର ଛକ ଓ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଲାଇନପଡ଼ାରେ ଏହି ୩ଟି ଦୁର୍ଘଟଣା ଘଟିଛି।

ଗଞ୍ଜାମ ଜିଲ୍ଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋପାଳପୁର ଛକଠାରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତରଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ଓ ଅନ୍ୟ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ କୋମାରେ ରହିଥିବା ଜଣାପଡ଼ିଛି। ମୃତ ଦୁଇ ଜଣ ହେଲେ ସ୍ଥାନୀୟ ଫାର୍ମାସୀ କଲେଜର ଚତୁର୍ଥ ବର୍ଷ ଛାତ୍ର ଶିବାଶିଷ ପାତ୍ର ଏବଂ ପାରଳା ମହାରାଜା କଲେଜର ଦ୍ୱିତୀୟ ବର୍ଷ ଛାତ୍ର ରାଜୀବ ଲୋଚନ ସେଠୀ। ତେବେ ଗୁରୁତର ଆହତ ହୋଇଥିବା ଛାତ୍ରମାନେ ହେଲେ ଅଙ୍କିତ ଏବଂ ବିଶ୍ୱଜିତ। ଘଟଣାସ୍ଥଳରୁ ପୁଲିସ ମୋଟର୍ ସାଇକେଲକୁ ଜବତ କରିଛନ୍ତି।

ପାଟପୁର-ଶେରଗଡ଼ ମୁଖ୍ୟରାସ୍ତାର ପଲ୍ଲୀ ପଦ୍ମନାଭପୁର ଗ୍ରାମ ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ କୃଷ୍ଣପୁର ଗ୍ରାମର ଟୁକୁନା ବାଡ଼ତ୍ୟା ଏବଂ ଜଗନ୍ନାଥପ୍ରସାଦ ଅଞ୍ଚଳର ମୃତ୍ୟୁଞ୍ଜୟ ନାୟକ। ଟୁକୁନା ବାଇକ୍‌ରେ ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ ମୃତ୍ୟୁଞ୍ଜୟ ବିପରୀତ ଦିଗରୁ ବାଇକ୍‌ରେ

▶▶ ୭